## ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,ରାୟଗଡ,ଗଜପତି

## OFFICE OF THE CDPO, I.C.D.S PROJECT, RAYAGADA, GAJAPATI

E-mail-cdporayagada1@gmail.com

ସଂଖ୍ୟା- ୫୦୦ / ଶିଶୁ ବିକାଶ ପ୍ରକଳ୍ପ  ତାରିଖ- ୦୪.୦୭.୨୦୨୫

### ବିଜ୍ଞାପନ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ  ଜଣାଇ ଦିଆଯାଉଛି ଯେ, ରାୟଗଡ଼ ବ୍ଲକ  ଅଧିନସ୍ଥ ନିମ୍ନ **ବାଇଶି** ଗୋଟି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି ସହାୟିକା  ପଦବୀ ପୂରଣ କରିବା ନିମନ୍ତେ ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ , କେବଳ ଅନଲାଇନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ନୂତନ ମାର୍ଗଦର୍ଶିକା  ପତ୍ର ସଂଖ୍ୟା ୪୯୭୦/ WCD ଙ୍କ ତାରିଖ ୧୫.୦୩.୨୦୨୩ କୁ ଅନୁପାଳନ ପୂର୍ବକ ଅଙ୍ଗନୱାଡି ସହାୟିକା ଆବେଦନ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା ଚୟନ ପ୍ରକ୍ରିୟା ଓ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା। ଯେଉଁ ପ୍ରାର୍ଥିନୀ ମାନେ ଉକ୍ତ ପଦବୀ ପାଇଁ ଇଚ୍ଛୁକ, ନିମ୍ନରେ ଦର୍ଶାଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରୁଥିବେ,ସେମାନେ (website http://engagement_awc.odisha.gov.in) ରେ login କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତା ପ୍ରମାଣ ପତ୍ର upload  କରି ଆସନ୍ତା ତା **୦୭.୦୭.୨୦୨୫** ରିଖ  ଠାରୁ ତା **୨୧.୦୭.୨୦୨୫** ରିଖ ସୁଦ୍ଧା ଆବେଦନ କରିପାରିବେ ।   ନିର୍ଦ୍ଧାରିତ ସମୟ ସୀମା ଅତିବାହିତ ହେଲେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।  ଆବଶ୍ୟକ ପ୍ରମାଣ ପତ୍ର ଅସମ୍ପୂର୍ଣ ଭାବେ  ଦାଖଲ ହୋଇଥିଲେ ଉକ୍ତ ଦରଖାସ୍ତ ଗ୍ରହଣ କରାଯିବ ନାହିଁ  । ପୁନର୍ବାର ସମସ୍ତ ଆବେଦନକାରୀ ମାନଙ୍କୁ ସୂଚିତ କରାଯାଉଅଛି ଯେ ଆସନ୍ତା ତା **୨୩.୦୭.୨୦୨୫** ରିଖ ପୂର୍ବାହ୍ନ **୧୧.୦୦**  ଘଣ୍ଟା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ  ଠାରେ **ଦରଖାସ୍ତକାରୀଙ୍କ ଉପସ୍ଥିତରେ** ପ୍ରମାଣ ପତ୍ରର ମୂଳ ନକଲ ଯାଞ୍ଚ କରାଯିବ, ନିଜର ସମସ୍ତ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ତାସହ **online** ଦରଖାସ୍ତ ଫର୍ମ ଓ ସମସ୍ତ ପ୍ରମାଣପତ୍ରର **Xerox copies** ସାଙ୍ଗରେ ନେଇ ଆସିବେ। **ଯାଞ୍ଚ ଦିବସରେ ଯଦି ଦରଖାସ୍ତକାରୀ ମାନେ  ଅନୁପସ୍ଥିତ ରହିଲେ ଉକ୍ତ ପ୍ରାର୍ଥିନୀ ମାନଙ୍କ ଦରଖାସ୍ତକୁ  ନାକଚ କରାଯିବ ।**

ଏଣୁ ସମସ୍ତ ଆବେଦନକାରୀ ମାନଙ୍କୁ ଅନୁରୋଧ କରାଯାଉଛି ଯେ  ଧାର୍ଯ୍ୟ ତାରିଖ, ସମୟ ଓ ସୂଚିତ  ସ୍ଥାନରେ ସମସ୍ତ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ।

**ଅଙ୍ଗନବାଡି ସହାୟିକା ପଦବୀ ପୂରଣ କରିବାକୁଥିବା ଅଙ୍ଗନବାଡି କେନ୍ଦ୍ରର ତାଲିକା**

| କ୍ର ନଂ | ଗ୍ରାମପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ନିର୍ଦ୍ଧାରିତ ପରିସର ଭୁକ୍ତ ଅଞ୍ଚଳ | |
|---|---|---|---|---|
| | | | ସାହିର ପ୍ରଥମ ଘରର ବ୍ୟକ୍ତିଙ୍କ ନାମ | ସାହିର ଶେଷ ଘରର ବ୍ୟକ୍ତିଙ୍କ ନାମ |
| ୧ | ନାରାୟଣପୁର | ନାରାୟଣପୁର ନୂଆସାହି | ପ୍ରଶାନ୍ତି ଜେନା | ସଞ୍ଜୟ ସାମଲ |
| ୨ | ନାରାୟଣପୁର | ଅରଖପଦା | ପ୍ରକାଶ ଶବର | ଶୁଭଦ୍ରା ଶବର |
| ୩ | ଏସ୍ କରଡାଶିଙ୍ଗୀ | ଟିଟିସିଂ | ମଙ୍ଗଳୀ ଶବର | ପାର୍ବତୀ ଶବର |
| ୪ | କରଡାସିଂ | ରତ୍ନପୁର | ଆରୋବିନ୍ଦ ବଡମୁଣ୍ଡି | କାଞ୍ଚଣ ରାଉତ |
| ୫ | କରଡାସିଂ | ମଣ୍ଡଳସାହି | ସୁକୁ କାର୍ଜୀ | ମାଜେଶ ଭୂୟାଁ |
| ୬ | କରଡାସିଂ | ସରଡ଼ା ଖ୍ରୀଷ୍ଟିୟାନ ସାହି | କୁନା ଟିଂଡାଲୁ | ମାଥିଉ ବର୍ଦ୍ଧନ |
| ୭ | ସାନତୁଣ୍ଡୀ | ବାହାଡପଦା | ସୋମନାଥ ଶବର | ସୀମା ଶବର |
| ୮ | ସାନତୁଣ୍ଡୀ | ଖାରିସାହି | ଉବେଦ ଭୂୟାଁ | ଯୋଶେପ ନାୟକ |
| ୯ | ସାନତୁଣ୍ଡୀ | ସଉରା ରେମପି | ବଡ ରାମ ଶବର | ସଞ୍ଜୟ ଗମାଙ୍ଗୋ |
| ୧୦ | ଜଲାଙ୍ଗ | ନାରଙ୍ଗିଖୋଲ | ସୋମନାଥ ରଇତ | ସୀମା ଶବର |
| ୧୧ | କଇଁପୁର | କଳିଙ୍ଗ | କୁମୁରା ଭୂୟାଁ | ଗୋବିନ୍ଦ ମଣ୍ଡଳ |
| ୧୨ | ଗଣ୍ଡାହାତି | ତାମତରା | ସୁକୁମାରୀ ଶବର | ପରିଙ୍ଗ ଶବର |
| ୧୩ | ଲାଇଲାଇ | ଏଣ୍ଡ୍ରି | ଟେଡେମ ମଣ୍ଡଳ | ରମେଶ ବଡ ରଇତ |
| ୧୪ | ଗଙ୍ଗାବାଡ | ଛାମୁଣ୍ଡିଆ | ବଙ୍ଗାରି ଶବର | ରାଜେନ୍ଦ୍ର ଭୂୟାଁ |
| ୧୫ | ଗଙ୍ଗାବାଡ | ଗୁଡ଼ିଖୁଡୀ | ତ୍ରିନାଥ ଶବର | ଆନନ୍ଦ ଶବର |
| ୧୬ | ଗଙ୍ଗାବାଡ | ଗୁରୁଙ୍ଗି | ଅନେଗି ଶବର | ରଜନା ଶବର |

| | | | | |
|---|---|---|---|---|
| ୧୭ | ଗଙ୍ଗାବାଡ | କଣ୍ଢାକୁମ୍ଭ | ବଳରାମ ଶବର | ସାରଥି ଶବର |
| ୧୮ | ଗଙ୍ଗାବାଡ | ମାଧିଆଖୋଳ | ଶିବ ଶବର | ଜୋମା ଶବର |
| ୧୯ | ଗଙ୍ଗାବାଡ | ସକ୍ରୁଡା | ପଦ୍ମା କାର୍ଜୀ | ଶାସଦେବା ଶବର |
| ୨୦ | ଗଙ୍ଗାବାଡ | ବୁରୁସିଙ୍ଗ | ଅର୍ଜନ ବଡ ରଇତ | ଜଗନ୍ନାଥ ଶବର |
| ୨୧ | କେରାଣ୍ଡି | ଜକରା | ମଙ୍ଗଳ ରଇତ | ସନ୍ତୋଷି ଭୂୟାଁ |
| ୨୨ | କେରାଣ୍ଡି | ୪ ଏଙ୍ଗାରସିଙ୍ଗ | ଶୁକଦେବ ଭୂୟାଁ | କାଳିଆ ଶବର |

**୧ ) ଯୋଗ୍ୟତା**

କ) କେବଳ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଖ) ବୟସ – ପ୍ରାର୍ଥିନୀଙ୍କ ବୟସ ଟା – **୦୧.୦୧.୨୦୨୫** ରିଖ ସୁଦ୍ଧା ୧୮ ବର୍ଷରୁ ଉର୍ଦ୍ଧ ଏବଂ **୩୫** ବର୍ଷ ମଧ୍ୟରେ ହେବା ଆବଶ୍ୟକ ।

ଗ)ଆବେଦନକାରୀ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅର୍ଥାତ ଉପରେ ବର୍ଣ୍ଣାଯାଇଥିବା ସୀମା ଗ୍ରହ ଗୁଡିକୁ ମଧ୍ୟରେ ବାସିନ୍ଦା ହେବା ଦରକାର ।

ଘ) ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା, ସ୍ୱାମୀଙ୍କ ଠାରୁ ଅଲଗା ହୋଇଯାଇଥିବା ମହିଳା କିମ୍ବା ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳାଙ୍କୁ ପ୍ରାଥମିକତା ଦିଆଯିବ ।

ଙ) ଅଙ୍ଗନୱାଡି ସହାୟିକା ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନୱାଡି କର୍ମୀଙ୍କୁ ସାହାର୍ଯ୍ୟ କରିବାକୁ ଇଛୁକ ହେବା ଉଚିତ୍ ।

**୨) ଶିକ୍ଷାଗତ ଯୋଗ୍ୟତା**

କ ) ଅଙ୍ଗନୱାଡି ସହାୟିକା ଚୟନ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଶ୍ରେଣୀ ହୋଇଥିବା ଦରକାର ।

ଖ ) ଅଙ୍ଗନୱାଡି ସହାୟିକାଙ୍କୁ ଓଡିଆ ଭାଷା ଜ୍ଞାନ ବାଧ୍ୟତା ମୂଳକ ।

**୩ ) ଆବଶ୍ୟକୀୟ ପ୍ରମାଣ ପତ୍ର**

ପ୍ରାର୍ଥିନି ଉପରୋକ୍ତ ପୋର୍ଟାଲ ମାଧ୍ୟମରେ ଅନଲାଇନ ଆବେଦନ ସମୟରେ ନିମ୍ନ ଲିଖିତ ମୂଳ ପ୍ରମାଣ ପତ୍ର ଗୁଡିକ scan କରି ଆପ୍-ଲଡ୍ (upload ) କରିବେ । .

୧ ) ସମସ୍ତ ଶିକ୍ଷାଗତ ପ୍ରମାଣ ପତ୍ର

୨ ) ଜନ୍ମତାରିଖ ପ୍ରମାଣ ପତ୍ର/ ଦଶମ ଶ୍ରେଣୀ ପାସ୍ କରିଥିବା ପ୍ରମାଣ ପତ୍ର ।

୩ ) ପ୍ରାର୍ଥୀନୀ **ବସିନ୍ଦା ପ୍ରମାଣ ପତ୍ର ( ଅନ୍ତତଃ ୧ ବର୍ଷ ଭିତରର )** ଏବଂ ଜାତିଗତ ପ୍ରମାଣ ପତ୍ରର ନକଲ ( ଏଟେଷ୍ଟେଡ୍ କରି) ସଂଲଗ୍ନ କରିବେ ।

୪ ) Passport size photo ।

**୪ ) ଶତକଡା**

ଆବେଦନ କାରୀଙ୍କୁ ନିମ୍ନ ମତେ ଶତକଡା ହିସାବରେ ଚୟନ କରାଯିବ ।

କ) ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ମୋଟ ନମ୍ବରର ଶତକଡା ହିସାବ ଅନୁଯାୟୀ

ଖ) ଏହା ବ୍ୟତୀତ ନିମ୍ନ କ୍ଷେତ୍ରରେ ପ୍ରଦର୍ଶିତ ଅତିରିକ୍ତ ଶତକଡା ନମ୍ବର ପାଇବେ ।

| | |
|---|---|
| ୧) ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି | **୧୦%** |
| ୨) ବିଧବା | **୧୦%** |
| ୩)ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତାମାତା ନଥିବା) | **୧୦%** |
| ୪ ) ନିରାଶ୍ରୟ/ଛାଡପତ୍ର ପ୍ରାପ୍ତ/ପରିତ୍ୟକ୍ତା ମହିଳା | **୦୫%** |
| ୫ ) ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ | **୦୫%** |

**୫ ) ପ୍ରମାଣପତ୍ର ଗୁଡିକ କେଉଁ ସଂସ୍ଥାରୁ ହୋଇଥିଲେ ଗ୍ରହଣଯୋଗ୍ୟ :**

| | | |
|---|---|---|
| କ) ମାଟ୍ରିକ୍ ପାସ୍ ପ୍ରମାଣ ପତ୍ର | - | H.S.C ବୋର୍ଡରେ (ଜନ୍ମ ତାରିଖ ଯାଞ୍ଚ ପାଇଁ ) |
| ଖ) +୨ ଏବଂ ତଦୁର୍ଦ୍ଧ | - | ବିଶ୍ୱବିଦ୍ୟାଳୟର |
| ଗ) ଆଦିବାସୀ ବା ହରିଜନ ହୋଇଥିଲେ | - | ତହସିଲଦାରଙ୍କ ଠାରୁ ପ୍ରାପ୍ତ ହେବା ପ୍ରମାଣ ପତ୍ର |
| ଘ) ବାସସ୍ଥାନ ପ୍ରମାଣ ପତ୍ର | - | ତହସିଲଦାରଙ୍କ ଠାରୁ ପ୍ରାପ୍ତ ହେବା ପ୍ରମାଣ ପତ୍ର **( ଅନ୍ତତଃ ୧ ବର୍ଷ ଭିତରର )** |
| ଙ) ଶାରୀରିକ ଭିନ୍ନକ୍ଷମ ପ୍ରମାଣ ପତ୍ର | - | ମେଡ଼ିକାଲ ବୋର୍ଡର |
| ଚ) ବିଧବା ହୋଇଥିଲେ | - | ସ୍ୱାମୀଙ୍କ ମୃତ ପ୍ରମାଣ ପତ୍ର ସଂପୃକ୍ତ ବିଭାଗର |

ଛ) ଅନାଥ / ନିରାଶ୍ରୟ - ସଂପୃକ୍ତ ବିଭାଗର

ଜ) ସ୍ୱାମି ପରିତ୍ୟକ୍ତା - କୋର୍ଟର ଆଦେଶ

୭) **ଏଥିନିମନ୍ତେ ଚୟନ ଧାରା**

| | |
|---|---|
| କ) ଆବେଦନ ପତ୍ରର ଗ୍ରହଣ ତାରିଖ | - ତା **୦୭.୦୭.୨୦୨୫** ରିଖ ଠାରୁ ତା **୨୧.୦୭.୨୦୨୫** ରିଖ ପର୍ଯ୍ୟନ୍ତ |
| ଖ) ପ୍ରମାଣ ପତ୍ର ଯାଞ୍ଚର ତାରିଖ (ପ୍ରାର୍ଥିନୀ ନିଜେ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ) | - ତା **୨୩.୦୭.୨୦୨୫** ରିଖ |
| ଗ) ପ୍ରମାଣ ପତ୍ର ଯାଞ୍ଚପରେ କୌଣସି ବ୍ୟକ୍ତି ବିଶେଷ ଉପରେ କିମ୍ବା ଶିକ୍ଷାଗତ ଯୋଗ୍ୟତା ଉପରେ କିମ୍ବା ବାସସ୍ଥାନ ବା ଜାତି ଉପରେ ଲିଖିତ ଅଭିଯୋଗ ଦାଖଲର ସମୟ ସୀମା | - ତା **୨୪.୦୭.୨୦୨୫** ରିଖ ଠାରୁ ତା **୩୦.୦୭.୨୦୨୫** ରିଖ ମଧ୍ୟରେ |
| ଘ) ଅଭିଯୋଗ ଗୁଡିକର ତଦନ୍ତର ତାରିଖ | - ତା **୦୧.୦୭.୨୦୨୫** ରିଖ ଠାରୁ ତା **୦୭.୦୭.୨୦୨୫** ରିଖ ମଧ୍ୟରେ |
| ଙ) ଅଭିଯୋଗ ଫଇସଲା ପରେ କାଏମ ରହିଥିବା ଦରଖାସ୍ତ ଉପରେ ଚୟନ କମିଟି ବସିବା ତାରିଖ | - ପରେ ନିର୍ଦ୍ଧାରିତ ହେବ |

ବି. କୋମଳାଙ୍ଗୀ
୦୨.୦୭.୨୦୨୫
**ଶିଶୁ ବିକାଶ ଯୋଜନା ଅଧିକାରୀ**
**ରାୟଗଡ଼, ଜିଲ୍ଲା-ଗଜପତି**

ପରି ପତ୍ରସଂଖ୍ୟା- ୮୦୧ ତାରିଖ- ୦୨.୦୭.୨୦୨୫

ଏହାର ଏକକିତା ନକଲ ସମ୍ପୃକ୍ତ କେନ୍ଦ୍ରର ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଗ୍ରାମର ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରଦାନ କରାଗଲା।

ବି. କୋମଳାଙ୍ଗୀ
୦୨.୦୭.୨୦୨୫
**ଶିଶୁ ବିକାଶ ଯୋଜନା ଅଧିକାରୀ**
**ରାୟଗଡ଼, ଜିଲ୍ଲା-ଗଜପତି**

ପରି ପତ୍ରସଂଖ୍ୟା- ୮୦୨ ତାରିଖ- ୦୨.୦୭.୨୦୨୫

ଏହାର ଏକାକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡ଼ / ତହସିଲଦାର, ରାୟଗଡ଼ /ଗୋଷ୍ଠୀ ଶିକ୍ଷା ଅଧିକାରୀ, ରାୟଗଡ଼ / ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ଼ / ଗୋଷ୍ଠୀ ଚିକିତ୍ସା ଅଧିକାରୀ , ରାୟଗଡ଼ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ତଥା ଉକ୍ତ ସମସ୍ତ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ବହୁଳ ପ୍ରଚାର ନିମନ୍ତେ ଉପଲବ୍ଧ କରାଗଲା।

ବି. କୋମଳାଙ୍ଗୀ
୦୨.୦୭.୨୦୨୫
**ଶିଶୁ ବିକାଶ ଯୋଜନା ଅଧିକାରୀ**
**ରାୟଗଡ଼, ଜିଲ୍ଲା-ଗଜପତି**

ପରି ପତ୍ରସଂଖ୍ୟା- ୮୦୩ ତାରିଖ- ୦୨.୦୭.୨୦୨୫

ଏହାର ଏକାକିତା ନକଲ ଉପ-ଜିଲ୍ଲାପାଳ, ପାରଳାଖେମୁଣ୍ଡି / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଗଜପତିଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା

ବି. କୋମଳାଙ୍ଗୀ
୦୨.୦୭.୨୦୨୫
**ଶିଶୁ ବିକାଶ ଯୋଜନା ଅଧିକାରୀ**
**ରାୟଗଡ଼, ଜିଲ୍ଲା-ଗଜପତି**